# ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

## ଓଡିଆ ଭାଷା ସାହିତ୍ୟ ବିଭାଗ

## ପ୍ରକଳ୍ପର ବିଷୟ ବସ୍ତୁ

### କେନ୍ଦ୍ରାପଡା ଜିଲ୍ଲାର ପ୍ରାଚୀନ
### ନାଟ୍ୟକାର ଦ୍ୱୟଙ୍କ ସୃଷ୍ଟିରେ ଦ୍ୱାରୀ (ନଟ-ନଟୀ)



ଗଣକବି ଗୋପାଳ ଦାଶ



କବିରତ୍ନ ସରସ୍ୱତୀ ଦାମୋଦର ମିଶ୍ର

- ମାର୍ଗଦର୍ଶକ -

ଡ଼ ନୀଳମଣି ଲେଙ୍କା

- ଉପସ୍ଥାପକ -

୩ ଶେଷବର୍ଷ ଓଡିଆ ସମ୍ମାନ
ଶ୍ରେଣୀର ଛାତ୍ରଛାତ୍ରୀ

ତା ୨୦.୦୨.୨୦୨୦ ରିଖ

# ମୁଖବନ୍ଧ

ପଟାମୁଣ୍ଡାଇ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଏକ ପ୍ରକଳ୍ପ କାର୍ଯ୍ୟ ଗ୍ରହଣ କରାଯିବାକୁ ସ୍ଥିର କରାଯାଇଥିଲା । ଏଥି ପାଇଁ +୩ ଶେଷ ବର୍ଷର ୧୦ ଜଣ ଛାତ୍ରଛାତ୍ରୀ ମୋ ଅଧିନରେ କାର୍ଯ୍ୟକରିଥିଲେ । କେନ୍ଦ୍ରାପଡା ଜିଲ୍ଲାର ପ୍ରାଚୀନ ନାଟ୍ୟକାର ଯଥା କ୍ରମେ ଗଣକବି ଗୋପାଳ ଦାଶ ଏବଂ କବିରତ୍ନ ସରସତୀ ଦାମୋଦର ମିଶ୍ରଙ୍କ ନାଟକରେ ଥିବା ଢଗର, ଦ୍ୱାରୀ ବା ନଟନଟୀ ମାନଙ୍କ ସମ୍ପର୍କରେ ଗବେଷଣା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଗଣ କବିଙ୍କ ଜନ୍ମସ୍ଥାନ ପଳସିଂହା ଏବଂ କବିରତ୍ନଙ୍କ ଜନ୍ମ ସ୍ଥାନ ରାଜକନିକାର ଗିରିୟା ଗ୍ରାମକୁ ଯାଇ ତଥ୍ୟ ସଂଗ୍ରହ କରାଯାଇଥିଲା ।

ଏହି ପ୍ରକଳ୍ପ କାର୍ଯ୍ୟରେ ଛାତ୍ରଛାତ୍ରୀ ମାନେ ଅତ୍ୟନ୍ତ ଉତ୍ସାହ ସହିତ ମୋ ସହିତ କ୍ଷେତ୍ର ପରିଦର୍ଶନ କରିବା ସହିତ ବିଭିନ୍ନ ବିବରଣୀ ପ୍ରସ୍ତୁତ କରିଥିଲେ। ତତ୍‌କାଳୀନ ଲୋକ ନାଟରେ ନଟ ନଟୀ ମାନଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ନାଟ୍ୟୋକଣ୍ଠା ସୃଷ୍ଟି ହେବାରେ ଏମାନଙ୍କର ଭୂମିକା ଖୁବ୍ ଆବଶ୍ୟକ ଥିଲା । ନାଟ ନଟୀ ମାନଙ୍କର ବିଚିତ୍ର ବେଶ ପୋଷାକ ରୋମାଞ୍ଚକର ମୁହୂର୍ତ୍ତ ସୃଷ୍ଟି କରୁଥିଲା। କେତେକ ଦର୍ଶକ ଏମାନଙ୍କର କୌତୁହଳ ପୂର୍ଣ୍ଣ ସଂଳାପ ଗୁଡିକୁ ଶୁଣିବାକୁ ଅସୁଥିଲେ ।

ଏଭଳି ଏକ ପ୍ରକଳ୍ପ ପ୍ରସ୍ତୁତି କରିବାରେ ବିଭାଗର ଛାତ୍ରଛାତ୍ରୀ ମାନେ ଶ୍ରମ ସ୍ୱୀକାର ପୂର୍ବକ କାର୍ଯ୍ୟ କରୁଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ ମହୋଦୟଙ୍କ ପ୍ରେରଣା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହେବାକୁ କ୍ଷମହୋଇଥିଲା । ଶେଷରେ ଏତିକି କୁହାଯାଇପାରେ ଏହି ପ୍ରକଳ୍ପ ବର୍ତ୍ତମାନ ଏବଂ ଭବିଷ୍ୟତର ଛାତ୍ରଛାତ୍ରୀ ମାନଙ୍କ ପଠନ ପ୍ରକିୟାରେ ନିଶ୍ଚୟ ସହାୟକ ହେବ ।

ନୀଳମଣି ଲେଙ୍କା

(ଡ. ନୀଳମଣି ଲେଙ୍କା )

ବିଭାଗୀୟ ମୁଖ୍ୟ ଏବଂ ମାର୍ଗ ଦର୍ଶକ

# ପ୍ରକଳ୍ପର ନିର୍ଯ୍ୟାସ

କେନ୍ଦ୍ରାପଡା ଜିଲ୍ଲାର ପ୍ରାଚୀନ ନାଟ୍ୟକାର ଦ୍ୱୟ ଯଥା ଗଣକବି ଗୋପାଳ ଦାଶ ଏବଂ କବିରତ୍ନ ସରସତୀ ଦାମୋଦର ମିଶ୍ର ଙ୍କ ନାଟକରେ ବର୍ଣ୍ଣିତ ଦ୍ୱାରୀ ବା ନଟ ନଟୀ ଚରିତ୍ର ବେଶ୍ ରୋମାଞ୍ଚପୂର୍ଣ୍ଣ । ନାଟ୍ୟକାର ମାନଙ୍କ ଗ୍ରାମ ଯଥାକ୍ରମେ ପଳସିଂହା ଏବଂ ରାଜକନିକାର ଗିରିୟା ଗ୍ରାମକୁ ଯାଇ ଦ୍ୱାରି ମାନଙ୍କର ଭୂମିକା ସମ୍ପର୍କରେ ପ୍ରକଳ୍ପ ପ୍ରସ୍ତୁତ କଲା ବେଳେ ନିମ୍ନୋକ୍ତ ନିର୍ଯ୍ୟାସ ଗୁଡିକ ସଂଗୃହିତ ହୋଇଥିଲା ।

୧. ତତ୍କାଳୀନ ସମାଜ ଅର୍ଥାତ୍ ସାଧୀନତା ପୂର୍ବବର୍ତ୍ତୀ ସମୟରେ ନାଟକ / ଲୋକନାଟକରେ ଦ୍ୱାରୀ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା ।

୨. ଦ୍ୱାରୀ ବା ନଟ-ନଟୀ ପୁରୁଷ ଏବଂ ନାରୀମାନେ ହେଉଥିଲେ ।

୩. ନାଟକ ମଞ୍ଚସ୍ଥ ପୂର୍ବରୁ ଏବଂ ମଧଭାଗରେ ଏମାନଙ୍କ କୌତୁକପୂର୍ଣ୍ଣ ପ୍ରହେଳିକା ତତ୍କାଳୀନ ଦର୍ଶକ ମାନଙ୍କୁ ସନ୍ତୁଷ୍ଟ କରୁଥିଲା। ।

୪. ଏମାନଙ୍କର ମଞ୍ଚରେ ନିଖୁଣ ଅଭିନୟ ମାଧମରେ ଦର୍ଶକ ଅଧିକ ଆସୁଥିଲେ ।

୫. କେନ୍ଦ୍ରାପଡା ଜିଲ୍ଲାର ଦ୍ୱାରୀ / ନଟନଟୀ କଳାକାର ମାନଙ୍କର ସଖ୍ୟା ବୃଦ୍ଧି ଘଟିଥିଲା

୬. ତତ୍କାଳୀନ ରଙ୍ଗ ମଞ୍ଚ ବଞ୍ଚିରହିବାରେ ଏମାନଙ୍କ ଭୂମିକା ଖୁବ୍ ଗୁରୁତ୍ୱ ପୂର୍ଣ୍ଣ ଅଟେ ।

୭. କେବଳ କେନ୍ଦ୍ରାପଡା ଜିଲ୍ଲାରେ ନୁହେଁ ବରଂ ଓଡିଶା ବାହାରେ ଏମାନେ ଯାତ୍ରା ଦଳ ସହିତ ଯାଉଥିଲେ ।

୮. ହାସ୍ୟରସାତ୍ମକ ଢଗ ଏବଂ ଗୀତରେ ଦର୍ଶକ ମାନଙ୍କୁ ହସାଇ ପାରୁଥିଲେ ।

୯. ଏମାନଙ୍କର ବେଷଭୁଷା ବିଚିତ୍ର ଥିଲା । ଗାଲରେ ଅଧା କଳା ଏବଂ ଧଳା ରଙ୍ଗ ବ୍ୟବହାର କରୁଥିଲେ ।

୧୦. ଦର୍ଶକଙ୍କ ମନୋରଞ୍ଜନ ନିମିତ୍ତ ଏମାନଙ୍କର ଅଭିନୟ ଉତ୍ସର୍ଗୀକୃତ ଥିଲା । ଯଦ୍ୱାରା କେନ୍ଦ୍ରାପଡା ଜିଲ୍ଲାର ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ସତନ୍ତ୍ର ନାମ ଥିଲା ।

ନୀଳମଣି ଲେଙ୍କା

(ଡ. ନୀଳମଣି ଲେଙ୍କା )

# ଗୋପାଳଦାଶଙ୍କ ଅପେରାରେ ଦ୍ୱାରୀ

ଓଡ଼ିଆ ଲୋକ ସାହିତ୍ୟର ମୁକୁଟବିହୀନ ସମ୍ରାଟ, ନାଟ୍ୟ କୋକିଳ ଗଣକବି ଗୋପାଳଦାଶ ଏକ ଅମ୍ଳାନ ପ୍ରତିଭା । ଲୋକନୃତ୍ୟ ସମ୍ୱଳିତ ଯାତ୍ରାର ସଂସ୍କାର ଆଣିବା ଦିଗରେ ସେ ଜଣେ ଅପ୍ରତିଦ୍ୱନ୍ଦୀ ନାଟ୍ୟକାର । ପରାଧୀନ ଭାରତବାସୀ ଯେତେବେଳେ ଇଂରେଜ ସରକାରଙ୍କ ଶାସନ ଦ୍ୱାରା ଅବହେଳିତ ହେଉଥିଲେ ଠିକ୍ ସେହି ସମୟରେ ନାଟ୍ୟାଚାର୍ଯ୍ୟ ଗୋପାଳଦାଶଙ୍କ ଆଶ୍ୱାସନା ଭାରତବାସୀଙ୍କ ପାଇଁ ଛୋଟ କଥା ନୁହେଁ । ଏହି କୁଶଳୀ ଅଭିନେତା, ଉଚ୍ଚକୋଟୀର ଯତ୍ରା ଲେଖକ, ସୁସଂଗୀତଜ୍ଞ, ନାଟ୍ୟ ସଂଗଠକ, ବାଦ୍ୟଯନ୍ତ୍ରର ନିପୂଣଶିଳ୍ପୀ ସର୍ବାପେକ୍ଷା ନାଟ୍ୟ ଓସ୍ତାଦ ଗୋପାଳଦାଶଙ୍କ ଆବିର୍ଭାବ ହୋଇଥିଲା ୧୯୭୬ ମସିହା ମଇ ମାସ ୩୦ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲା ତଥା ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଭୁକ୍ତ ପଳସିଂହା ଗ୍ରାମରେ । ତାଙ୍କ ରଚିତ ସମୁଦାୟ ୭୮ ଖଣ୍ଡ ଗୀତାଭିନୟ ମୁଖ୍ୟତଃ ରାମାୟଣ, ମହାଭାରତ, ଶ୍ରୀମଦ୍ ଭାଗବତ, କାଳ୍ପନିକ ମୂଳକ ଥିଲା । ଗ୍ରାମୀଣ ଭାଷା ତଥା ପାତ୍ର ଉପଯୋଗୀ ସଂଳାପଦ୍ୱାରା ସମାଜର କୁସଂସ୍କାର, କୁଶାସନଗୁଡ଼ିକ ଦର୍ଶକମାନଙ୍କ ପାଖରେ ଉପସ୍ଥାପନା କରିବାରେ ସେ ଧୂରନ୍ଧର ଥିଲେ । ନିଜ ଯାତ୍ରାଦଳର କଳାକାରମାନଙ୍କୁ ସେ ନୀତି ନିୟମ ଭିତରେ ବାନ୍ଧି ରଖୁନଥିଲେ । ନିଜେ ଯେତେବେଳେ କଂସ, ଦକ୍ଷ, ଦୁର୍ଯ୍ୟୋଧନ, ଜରାସନ୍ଧ ଇତ୍ୟାଦି ରାଜା ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ, ସେତେବେଳେ ଦର୍ଶକମାନଙ୍କ ମଧ୍ୟରେ ତନ୍ମୟଭାବ ସୃଷ୍ଟି ହେଉଥିଲା ।

ଏଯାବତ୍ ଲୋକମାନେ ଭୂଲିପାରି ନାହାନ୍ତି ଗୋପାଳରାଜାଙ୍କୁ । ଭୂଲି ନାହାନ୍ତି ପିତାରାଣୀ, ମଣିଆ ଦୁଆରୀଙ୍କ ଅଭିନୟକୁ । ଏବେ ମଧ୍ୟ ଲୋକମାଙ୍କ ମୁଖରୁ ଶୁଣାଯାଏ - "ଗୋପାଳ ଦାଶ ରାଜାକୁ ପିତା ବଣିଆରାଣୀ "। ରାଜାରାଣୀ ଇତ୍ୟାଦି ଅନେକ ଅନ୍ୟାନ୍ୟ ଚରିତ୍ରଗୁଡ଼ିକୁ ବାଦ ଦେଲେ ଦର୍ଶକମାନଙ୍କ ବିଶେଷ ଆକର୍ଷଣ ଥାଏ ଦୁଆରୀ ପ୍ରତି । ସମସ୍ତ ସାମାଜିକ ଚରିତ୍ରଗୁଡ଼ିକରେ ଦ୍ୱାରୀ ପ୍ରଧାନ । ତାର କର୍ତ୍ତବ୍ୟ ଦ୍ୱାରୀ ଜଗିବା ହେଲେ ମଧ୍ୟ ଭୂମିକା ଅନେକ ଗୁରୁତ୍ୱପୂର୍ଣ୍ଣ । ସେ ଥଟ୍ଟା ତାମସା କରେ । କିନ୍ତୁ ଉଚ୍ଚସ୍ତରକୁ ଚାଟୁ କରେ ନାହିଁ । ସେ ତୀକ୍ଷ୍ଣବାକ୍ । ଆଡ଼ବାୟାଭଳି ସେ ବେଳେ ବେଳେ ଅଭିନୟ କରେ । ସେ ରାଜାଙ୍କର ବୟସ୍ୟ ବିଦୂଷକ ନୁହେଁ, ବରଂ ରଙ୍ଗରସର ଆଧାର । ହାସ୍ୟରସ ପରିବେଷଣ କରି ଦର୍ଶକଙ୍କୁ ଆନନ୍ଦ ପ୍ରଦାନ କରିବା ତାର ଲକ୍ଷ୍ୟ । ତେଣୁ ସେ ହାସ୍ୟରସିକ, ବ୍ୟଙ୍ଗକାରୀ । ସମାଜରେ ରହୁଥିବା ଦୁଃସ୍ଥିତି, ଅନ୍ୟାଚାର, ଦୂରାବସ୍ଥା ଗୁଡ଼ିକୁ ନିଜର ଗୀତ ମାଧ୍ୟମରେ ବିଭିନ୍ନ ଅଙ୍ଗଭଙ୍ଗୀ ଦ୍ୱାରା ପ୍ରକଟାଏ । ଏକଥା ସତ୍ୟ ଯେ ଦ୍ୱାରୀ ବିନା ଲୀଳା, ସୁଆଙ୍ଗ ବା ଯାହାର ଅଙ୍ଗହାନୀ ହୋଇନଥାନ୍ତା । କିନ୍ତୁ ସରସତା ରହିନଥାନ୍ତା ଏହିଦ୍ୱାରୀ ଭୂମିକା ସମୟାନୁସାରେ ଭିନ୍ନ ରୂପ ନେଇଛି । ଉନବିଂଶ ଶତାବ୍ଦୀରେ ଓ ବିଂଶଶତାବ୍ଦୀର ପ୍ରଥମ ଦଶନ୍ଧିରେ ସେ ଦ୍ୱାରୀ ପରବର୍ତ୍ତୀ ପର୍ଯ୍ୟାୟରେ ଡ଼ଗର ବା ଦୂତ ଭାବରେ ଆତ୍ମପରିଚୟ ହେଉଛି । ଗୋପାଳଦାଶଙ୍କ ଯାତ୍ରାର ଅନ୍ୟତମ ବିଶେଷ ଆକର୍ଷଣ ଥିଲା ମଣିଦୂଆରୀ । ନାମ ତାର ମଣିଜେନା । ଜନ୍ମସ୍ଥାନ ପଟ୍ଟାମୁଣ୍ଡାଇ ନିକଟସ୍ଥ ଅରଡ଼ପଲ୍ଲୀ ଗ୍ରାମରେ । ଘରଭିତରର ପତ୍ନୀ ମଣିଦେବୀ ଓ ଘର ବାହାରର

ଦ୍ୱାରୀ ମଣିଜେନା, ଏହି ମଣିଦ୍ୱୟ ସତେଯେପରି ଦାଶଙ୍କ ପ୍ରତିଭାକୁ ଆହୁରି ବିକଶିତ କରିଥଲେ । କଲିକତାର କାନବଜାରରେ ବୈଷ୍ଣବପାଣି ଓ ଗୋପାଳଦାଶଙ୍କ ମଧ୍ୟରେ ହୋଇଥିବା ବାଦିଯାତ୍ରାରେ ଦାଶ ଜିତିଯାଇ ସୁନାଘଣ୍ଟା ଏବଂ ଅନ୍ୟାନ୍ୟ ଉପହାର ଆଣିବା ଦ୍ୱାରା ପାଣି କ୍ଷୁବ୍ଧ ହୋଇ ତୀବ୍ର ସମାଲୋଚନା କରିଥିଲେ ।

ସମୁଦି - ଆ, ଆ ସମୁଦୁଣୀ ଦେଖିଯିବା ନାଟ
ସମୁଦୁଣୀ - କହନି ସମୁଦି ହେବ କେତେ ବାଟ
ସମୁଦି - ରାଜା ତ ଗୋପାଳ ଦାଶ ତାକୁ ଷାଠିଏ ବରଷ
ସମୁଦୁଣୀ - ଦାନ୍ତ ପଡ଼ି ଓଠ ହୁଏ ଠକ ଠକ
ସମୁଦି - ମଣିଜେନା ତାର ଚାରିପଟ

ମଣିଆ ଦୁଆରୀ ରାଜାଙ୍କ ଡ଼ାକରାରେ ଆଜ୍ଞା ନକହି ଆଗା କହେ । ତାର କହିବା ଠାଣି ଦେଖି ଦର୍ଶକମାନେ ହସି ହସି ବେଦମ୍ ହୋଇଯାଉଥିଲେ । ତା' ଠାରୁ ଅଧିକ ପରିଣାମର ଖୁସି ହେଉଥିଲେ ତାର ବେଶଭୂଷା ଦେଖି । ସେ ବିଭିନ୍ନ ଛିଟ ପୋଷାକ ପିନ୍ଧିଥାଏ । ନିଶର ଗୋଟିଏ ପାର୍ଶ୍ୱକଳା ଆର ପାର୍ଶ୍ୱଟି ଧଳାଥାଏ । ଗୋଟିଏ ପାର୍ଶ୍ୱ କଲି ଗାଲପାଖକୁ ଲମ୍ବିଥାଏ ଏବଂ ଆର ପାର୍ଶ୍ୱଟି ନଥାଏ । ସେ ହସି ହସି ଅନ୍ୟକୁ ହସାଏ । ତାର ଅଭିନୟ ସଂପର୍କରେ ଅନେକ ପ୍ରବାଦ ଏଯାବତ୍ ପ୍ରଚଳିତ । ଇନ୍ଦୁପୁର ନିକଟସ୍ଥ ନିକିରାଇରେ ଥରେ ଯାତ୍ରା ହେଉଥାଏ । ପ୍ରବଳ ଭିଡ଼ । ଗାଁଟା ଯାକ ଶୁନଶାନ କାରଣ ଗୋପାଳଦାଶ ଦଳର ଯାତ୍ରା । ଦୁର୍ଯୋଗକୁ ଜନୈକ ବ୍ୟକ୍ତିଙ୍କ ଘରୁ ସେହି ରାତିରେ ଚୋରି ହୋଇଥାଏ । ମଣି ଜେନା ନିଜର ଅଭିନୟ ସାରି ଦୈବାତ୍ ସେହି ଘରର ପିଣ୍ଡାରେ ଶୋଇପଡ଼ିଲା । ସକାଳୁ ଦେଖାଗଲା ମଣିଯେଉଁ ଘରର ପିଣ୍ଡାରେ ଶୋଇଛି ସେ ଘରୁ ଚୋରି ହୋଇଛି । ପୋଲିସ୍ ସନ୍ଦେହରେ ତାକୁ ଥାନାକୁ ନେଇ ପଚାରିଲେ, ତୁମେ ଚୋରି କରିଛ ? ମଣି ଥଙ୍ଗ ଥଙ୍ଗ ହୋଇ କହିଲେ - ଆପଣ କିପରି ଆଜ୍ଞା ଜରଇଲେ । ପୋଲିସ୍ ଜୁଲମ୍ ଅଧିକ ହେବାରୁ ଉପସ୍ଥିତ ବୁଦ୍ଧି ଖଞ୍ଜି କହିଲା, ବାବୁ ଆପଣ କୁହନ୍ତୁତ ଏ ଥାନା ପିଣ୍ଡାରେ କେତୋଟି ଖୁଣ୍ଟ ଅଛି । ବାବୁ ଚୁପ୍ । ମଣି କହିଲା, ଆପଣ ସବୁଦିନେ ଏଠାକୁ ଆସି ପିଣ୍ଡାରେ କେତୋଟି ଖୁଣ୍ଟ ଅଛି ଯଦି ନକହି ପାରୁଛନ୍ତି ତେବେ ମୁଁ ଘଣ୍ଟାକ ପାଇଁ ପିଣ୍ଡାରେ ଶୋଇ କିପରି କହିବି କିଏ ଚୋରି କରିଛି । ହାସ୍ୟମୁଖର ପରିବେଶଟି ସୃଷ୍ଟି ହୋଇଗଲା । ମଣି ମୁକ୍ତିପାଇ ଫେରିଆସିଲା ।

ଦ୍ୱାରୀର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଅନ୍ୟ ଏକ ପ୍ରବାଦ ହେଉଛି, କଲିକତାର ମଇଦାନରେ ହେଉଥିବା ସିରାଜଦ୍ଦୌଲା ନାଟକ । ରଙ୍ଗମଞ୍ଚରେ ରାଣୀଙ୍କ ଦୁଃଖର କାରଣ ପଚାରିଲେ ନବାବ । ରାଣୀ ଗୀତ ବୋଲି ଉତ୍ତର ଦେଲେ । ଦର୍ଶକମାନଙ୍କ ମଧ୍ୟରୁ ଜଣେ ମୁସଲମାନ ଯୁବକ ଉପହାର ସ୍ୱରୂପ କେତେକ ଟଙ୍କା ଆଣି ରାଣୀଙ୍କ ଛାତିରେ ଲାଗାଇଦେଲେ । ନବାବ କ୍ଷୁବ୍ଧ ହୋଇ ଦ୍ୱାରୀକୁ ନିର୍ଦ୍ଦେଶ ଦେଲେ ତାକୁ ବନ୍ଦୀ କରିବା ପାଇଁ । ଦ୍ୱାରୀ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଦର୍ଶକମଣ୍ଡଳୀକୁ ମସ୍‌ଗୁଲ କରି ରଖେ । ଗୋପାଳଙ୍କ ଦ୍ୱାରୀ ଯେତେବେଳେ ମଞ୍ଚକୁ ଆସେ ସେତେବେଳେ ସେ ନିଜ ମୁଖରେ ବିଭିନ୍ନ କଥା ଉପସ୍ଥାପନ କରେ ।

ଆସଇ ଦୁଆରୀ ହୋଇ ନିଶଙ୍କା
କାମ କରି କରି ହେଲାଣି ବଙ୍କା
ଘରର ଘରଣୀ ଅଟେ ମୋ ଓଲଣୀ
ପିନ୍ଧିବ ନାହିଁ ସେ ହାତରେ ଶଙ୍ଖା
ରାଣୀପୁଅ ହୁଣ୍ଡା ନିତିଖାଏ କୁଣ୍ଡା
ଜଗନ୍ନାଥ ଦ୍ୱାରୀ ମୋ ନାମ ଲେଖା

ଏହି ଦ୍ୱାରୀ ରାୟଗୁରୁ, ଧ୍ରୁବ ବାରିକ, ମାଗୁଣି ସାହୁ, ଦ୍ୱାରିକାନାଥ ମହାପାତ୍ର, ବୈଷ୍ଣବ ପାଣିଙ୍କ ଭଳି ନୁହେଁ । କାରଣ ଗୋପାଳଙ୍କ ଦ୍ୱାରୀର ଏକ ସ୍ୱତନ୍ତତା ଥିଲା । ଏହାର ବେଶଭୂଷା, ନୀତି ଓ କଥନ ଭଙ୍ଗୀ ସାଧାରଣତଃ ହାସ୍ୟୋଦ୍ଦୀପକ ଥିଲା । ଗୋପାଳଙ୍କ ଯାତ୍ରାର ମଣିଆ ଦୁଆରୀ ପରବର୍ତ୍ତୀ ସମୟରେ ହଳିଆ ଦୁଆରୀ ହୋଇ ମଞ୍ଚଉପରେ ଅଶାଳୀନ ଭାଷା ପ୍ରୟୋଗ କରିଥାଏ । ରାଣୀଙ୍କ କାନ୍ଧରେ ଗୋଡ଼ ପକାଇବା ଠାରୁ ଆରମ୍ଭ କରି ରାଜାଙ୍କ ସହିତ ଥଟ୍ଟା ତାମସା କରଥାଏ । ବେଳେ ବେଳେ ଏହି ଦ୍ୱାରୀର ଅଭିନୟ ରୁଚିହୀନ ହୋଇ ଦର୍ଶକଙ୍କୁ ବିରକ୍ତ କରିଥାଏ । ବେଳେବେଳେ ପାତ୍ରୋଚିତ ଜ୍ଞାନ ରହେ ନାହିଁ କିମ୍ଭୁତ କଥା ସେ କହେ । ରାଜାରାଣୀଙ୍କ ମୁହଁ ପାଖରେ ଆଙ୍ଗୁଠି ହଲାଇ କଥାବାର୍ତ୍ତା କରେ ଏବଂ ମଞ୍ଚର ଚାରିପାଖକୁ ଧାଁ ଧପଡ଼ କରିଥାଏ। ଏହି ଦ୍ୱାରୀ ଭିନ୍ନ ଭିନ୍ନ ମୁହୂର୍ତ୍ତରେ ଭିନ୍ନ ଭିନ୍ନ ଅଭିନୟ କରେ । କେତେବେଳେ ବିଦୂଷକତ କେତେବେଳେ ରଜକ ହୋଇ ଗୀତ ବୋଲି ସମାଜର ନିମ୍ନଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିଥାଏ । ଯଥା -

ରଜକ ହେଲା ବାହାର ହୋ, ରଜକ ହେଲା ବାହାର
ତିନିଦିନ ହେଲା ତୁଠ ପଡ଼ିଅଛି,
ହଇକିଓ ରଙ୍ଗୀଆ ବୋଉ
ମୋ ଘରୁ ନୋହିଲା ବାହାର
ରାଜାଙ୍କ ହୁକୁମ୍ ଭାରିଲୋ, ରାଜାଙ୍କ ହୁକୁମ ଭାରି
ରଙ୍ଗସଭା ଯାତ ହୋଇଛି ଭାରି
ହଇକିଲୋ ରଙ୍ଗୀଆ ବୋଉ
ମୋ ଲୁଗା ଦେ ବେଗି କରି ।

ହାସ୍ୟରସ ପରିବେଷଣ କରିବା ଏହାର ଲକ୍ଷ୍ୟ । ଭିନ୍ନରସ ପାନ କରି ଦର୍ଶକ ଯେତେବେଳେ ଭାରାକ୍ରାନ୍ତ ହୋଇପଡ଼ନ୍ତି ସେତେବେଳେ ଏହି ଦ୍ୱାରୀର ଆବଶ୍ୟକତା ପଡ଼େ । ଗୋପାଳଙ୍କ ରଙ୍ଗସଭା ଗୀତିନାଟ୍ୟରେ [illegible] [illegible] ଦ୍ୱାରୀ ଆସିବା ସମୟରେ ନିଜେ ନିଜର ପରିଚୟ ପ୍ରଦାନ କରିଛି ।

ଗାଲଗୋଟା କଳା ଆଉ ଗାଲ ଧଳା
ଚିତ୍ରକର ମୋତେ ଚିତ୍ର କରିଛି ହୋ
ଗୋପାଳ ଚରଣ କହି
କିଛି ଭୟକରନା ହିଁ
ରାଜାଙ୍କ ଛାମୁରେ ମୁଣ୍ଡ ବିକିଛି ମୁଁ ।

ବ୍ରଜଲୀଳା ଗୀତିନାଟ୍ୟରେ ଏହି ଦ୍ୱାରୀ ଚଉକିଦାର ଭୂମିକାକୁ ଓହ୍ଲାଇ ଆସିଛି । ତତ୍କାଳୀନ ବଇଦମାନଙ୍କୁ କଟୁ ସମାଲୋଚନା ସେ କରିଛି ।

ଏତେ ରାତିକି ବାହାର ଚଉକିଦାରହେ ।
ତିନିଦିନ ହେଲା ମୋତେ ହୋଇଛି ଜରହେ ।
ବଇଦ ଲାଗିଛନ୍ତି ଗୋଟା ପନ୍ଦର ହେ
ଔଷଧ ଦେଲେ ମୋତେ ସିଝୁ ପତର
(ବାବୁ) ବାଉଁଶଚେର, ବେଙ୍ଗଲାଙ୍ଗୁର, ମାଇଗୋବର ହେ ।
ବଇଦଙ୍କ ଘର ଅଟେ ସମ୍ବଲପୁର ।
(ବାବୁ)ସେ ସୋନପୁର, ବିରିଜାଇର, ଭଦରଖର ହେ ।
ଟଙ୍କା ମୋଠୁଁ ଠକି ନେଲେ ନ' ଚାରିତେର
(ବାବୁ) ସାତ ଛ ତେର, ଏଗାର ଦୁଇ ତେର, ବାର ଏକ ତେର ।
ଗୋପାଳ ବୋଲେ ଚିକିତ୍ସା କାଞ୍ଜିପାଣିର
(ବାବୁ)ଲେମ୍ବୁ ରସର, କନ୍ଦ ପଣାର , ମାଛ ଝୋଳର ହେ ।

ବିଲଙ୍କା ରାମୟଣରେ ରାମଚନ୍ଦ୍ର ବିଲଙ୍କା ଭୁବନ ନିକଟସ୍ଥ ହେଲାପରେ ଦ୍ୱାରୀର ଭୂମିକା ଖୁବ୍ ହାସ୍ୟରୋଳ ସୃଷ୍ଟି କରେ । ସାମୟିକ ଆନନ୍ଦ ପାଇଁ ଏହି ଚରିତ୍ରର ଅବତାରଣା ଗୋପାଳକଙ୍କର ଏକ ବାହାଦୁରୀ । ସମାଜର ଉଦ୍ଧତା ନାରୀପ୍ରତି କଟୁକ୍ତି ପ୍ରକାଶ ପାଇଛି ଦ୍ୱାରୀ ମୁହଁରେ ।

ଦ୍ୱାରୀ ଦ୍ୱାରୀ କିଏ ଡ଼ାକୁଛି
ଦ୍ୱାରେ ଦ୍ୱାରେ ବୁଲି ତଣ୍ଟି ଶୁଖୁଛି
ଯିବାକୁ ଝିଆରୀ ଆସିଛି ଦୁଆରୀ
ଭଣ୍ଡାରିକି ସାଇ ସାଇ ଖୋଜୁଛି
ଭାରିଜା ମୋ ସାକ୍ଷାତ ଚଣ୍ଡୀ
ମୋତେ ଦେଉଅଛି ସେ ଭଣ୍ଡି
ଦିନରାତି ତାର ଗୋଡ଼ ନଘସିଲେ
ପିଠିରେ ଝାଡୁପାହାର ଖାଉଛି ।

ତାପରେ ଦ୍ୱାରୀଠାରୁ ରାମଚନ୍ଦ୍ର ଯୁଦ୍ଧପାଇଁ ଆସିଥିବା ଖବର ପାଇ ବିଲଙ୍କା ରାମଙ୍କ ନିକଟକୁ ସୈନ୍ୟସାମନ୍ତଙ୍କ ସହିତ ଗମନ କଲେ ।

ଦ୍ୱାରୀ, ରାଜା ରାଣୀ ଏମାନେ ସମସ୍ତେ ଆବଶ୍ୟକ ସ୍ଥଳେ ମଞ୍ଚ ଉପରେ ନାଚନ୍ତି । ଗୀତ ବୋଲନ୍ତି ମଧ୍ୟ ମଣିଆ ଦୁଆରୀ ସ୍ୱତନ୍ତ୍ର କଳା ଦ୍ୱାରା ଦର୍ଶକମାନଙ୍କୁ ମୁଗ୍ଧ କରିପାରୁଥିଲା । ଯାହାକୁ ଏ ପର୍ଯ୍ୟନ୍ତ ଲୋକମାନେ ଭୁଲିପାରିନାହାନ୍ତି । ଏବେ ମଧ୍ୟ କେତେଜଣଙ୍କ ମୁଖରୁ ଶୁଣାଯାଏ -

ଆଉ ଆସିବକି ମଣିଦୁଆରୀ
ରାଜାଙ୍କ ପାଖରେ କରି ଗୁହାରୀ
ଠିଆହେବ ଓଠେ ଠେଙ୍ଗା ଲଗାଇ
କରିବକି ମଞ୍ଚ ସେ ହଇଚଇ ।

—x—

# ରାଜଗୁରୁ କବିରତ୍ନ ସରସ୍ୱତୀ ଦାମୋଦର ମିଶ୍ର

କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲର ଗିରୀୟା ଗ୍ରାମରେ ୧୮୭୨ ମସିହାରେ ଜନ୍ମଲାଭ କରିଥିବା ଏହି ପ୍ରତିଭା ୧୧୦ ଖଣ୍ଡ ପାଣ୍ଡୁଲିପି ରଚନା କରିଥିଲେ ହେଁ ସେଥିରୁ ଅଳ୍ପ କେତେଖଣ୍ଡ ମାତ୍ର ଛପା ଯାଇଥିଲା । ଫୁଲ ଫୁଟିବା ଏବଂ ଝଡିବା ଯେପରି ସତ୍ୟ, ତାର ବାସ୍ନା ମଧ ସେହିପରି ଆଦରଣୀୟ । ବାସ୍ନାଗ୍ରାହୀ ରସିକ ମାନଙ୍କ ଆଘ୍ରାଣରେ ଫୁଲ ସାର୍ଥକ ହେବାପରି ଏହି ରାଜଗୁରୁଙ୍କର ସୃଷ୍ଟିସମ୍ଭାର ଏବେବି ଆମ ଚେତନାର ଆଘ୍ରାଣରେ ବାରମ୍ବାର ପୁଲକ ସୃଷ୍ଟିକରେ ।

ବ୍ୟାସକବି ଫକୀରମୋହନ ସେନାପତି 'ସରସ୍ୱତୀ' ଉପାଧି ପ୍ରାପ୍ତ ହେବାର ଏକବର୍ଷ ପୂର୍ବରୁ ଅର୍ଥାତ୍ ୧୯୧୫ ମସିହାରେ ଦାମୋଦର ମିଶ୍ର ବନାରସ ଭାରତ ଧର୍ମମହାମଣ୍ଡଳରୁ 'ସରସ୍ୱତୀ' ଉପାଧି ପ୍ରାପ୍ତ ହୋଇଥିଲେ । ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ଲେଖକ ଫକୀରମୋହନ ସେନାପତି, ମଧୁସୂଦନ ରାଓ, ନୀଳକଣ୍ଠ ଦାସ, ରାଧାନାଥ ରାୟ, ମାୟାଧର ମାନସିଂହ, ନନ୍ଦକିଶୋର ବଳ, ଶଶୀଭୂଷଣ ରାୟ, ଆର୍ତ୍ତବଲ୍ଲଭ ମହାନ୍ତି, କରୁଣାକର କର ପ୍ରମୁଖଙ୍କ ଠାରୁ ସ୍ୱହସ୍ତ ଲିଖିତ ପ୍ରଶଂସାପତ୍ର ପାଇଥିବା ବେଳେ ପଣ୍ଡିତ ଗୋପବନ୍ଧୁ ଦାଶ ଗଣକବି ଗୋପାଳ ଦାଶ, ଏବଂ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରିୟ ଭାଜନ ହୋଇଥିଲେ । ୧୯୪୫ ମସିହାରେ ଅଯୋଧ୍ୟାରୁ 'କବିରତ୍ନ' ଉପାଧି ପ୍ରାପ୍ତ ହୋଇଥି

## ନଟନଟୀ

ପ୍ରାଚୀନ ଯାତ୍ରା ନାଟକ ପରମ୍ପରାରେ ଦ୍ୱାରୀ/ନଟ,ନଟୀର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ପରି ମନେହୁଏ । ନାଟକ ଗୁଡିକରେ ରାଜା, ରାଣୀ, ମନ୍ତ୍ରୀ, ବିଦୂଷକ ଏପରିକି ସମସ୍ତ ସାମାଜିକ ଚରିତ୍ରମାନଙ୍କ ମଧ୍ୟରେ ଦ୍ୱାରୀ, ନଟ, ନଟୀ ଚରିତ୍ରକୁ ଏଡାଇ ଦିଆଯାଇନପାରେ । ଦ୍ୱାରୀ ବା ନଟ,ନଟୀ ପ୍ରତି ଦର୍ଶକମାନଙ୍କର ଆକର୍ଷଣ ବହୁ ମାତ୍ରାରେ ଦେଖିବାକୁ ମିଳେ । ସେ ତୀକ୍ଷ୍ଣବାକ୍ ଓ ରାଜାଙ୍କର ବୟସ ବିଦୂଷକ ନୁହେଁ, ବରଂ ରଙ୍ଗରସର ଆଧାର । ନାଟକ ବିଷୟବସ୍ତୁର ପୂର୍ବସୂଚନା ଦେବାସହିତ ହାସ୍ୟରସ ପରିବେଷଣ କରିବାରେ ନିୟୋଜିତ ହୋଇଥାଏ । ସମାଜରେ ଘଟୁଥିବା ଦୁଃସ୍ଥିତି, ଅତ୍ୟାଗ୍ଚର, ଦୂରବସ୍ଥା ଗୁଡିକୁ ନିଜର ଗୀତ ମାଧ୍ୟମରେ ବିଭିନ୍ନ ଅଂଗଭଂଗୀ ଦ୍ୱାରା ପ୍ରକଟ କରିଥାଏ । ଲୀଳା, ସୁଆଙ୍ଗ ବା ଯାତ୍ରା ଗୁଡିକ ତତ୍କାଳୀନ

ଦର୍ଶକମାନଙ୍କ ହୃଦୟରେ ଯେତିକି ପ୍ରଭାବ ବିସ୍ତାର କରିଥିଲା, ସେତିକି ପରିମାଣରେ ଦ୍ୱାରୀ ବା ନଟ,ନଟୀ ନିଜ କଳାପାଟବତାର ପ୍ରଭାବ ବିସ୍ତାର କରିଥିଲା। ଶ୍ରୀଯୁକ୍ତ ଶାନ୍ତନୁ କୁମାର ରଥଙ୍କ ମତରେ-

The Dwari is a Versatile artiste andpresents an excellent charting performance. He is no powerful a character that the other characters are almost & hadowed. His singing, dance, narration all are extremely entertaining' (Traditional of folk Theatre, p-82)

ଉନ୍ନବିଂଶ ଶତାବ୍ଦୀ ଏବଂ ବିଂଶଶତାବ୍ଦୀର ପ୍ରଥମ ଦଶନ୍ଧିରେ ଏହି ଦ୍ୱାରୀ ଡଗର, ଦୂତ, ନଟ, ନଟୀ ନାମରେ ଆତ୍ମପ୍ରକାଶ କରିଥିବା ଦୃଷ୍ଟି ଗୋଚର ହୁଏ। ପ୍ରାଚୀନ ଯାତ୍ରାକାର ଗଣକବି ଗୋପାଳ ଦାଶଙ୍କ ନାଟକରେ 'ମଣିଦୁଆରୀ' ଅନେକ ହଟଚମଟ ସୃଷ୍ଟି କରିଥିବା ସ୍ଥଳେ, ବୈଷ୍ଣବପାଣି, ରାୟଗୁରୁ, ଧ୍ରୁବବାରିକ, ମାଗୁଣି ସାହୁ, ଦ୍ୱାରିକାନାଥ ମହାମାତ୍ର ପ୍ରମୁଖ ଦ୍ୱାରୀ ଚରିତ୍ର ସଂଯୋଜନାକୁ ବ୍ୟାହତ କରିନଥିଲେ। ଗୋପାଳ ଦାଶଙ୍କ ନାଟକର ଦ୍ୱାରୀ ବେଳେ ବେଳେ ସୀମା ଲଂଘନ କରିଥିବାର ଲକ୍ଷ୍ୟ କରାଯାଏ। 'ଗୋପାଳଙ୍କ ଯାତ୍ରାର ମଣିଦୁଆରୀ ପରବର୍ତ୍ତୀ ସମୟ ହଳିଆ ଦୁଆରୀ ମଞ୍ଚଉପରେ ଅଶାଳୀନ ଭାଷା ପ୍ରୟୋଗ କରିଥିଲା। ରାଣୀଙ୍କ କାନ୍ଧରେ ଗୋଡ ପକାଇବା ଠାରୁ ଆରମ୍ଭ କରି ରାଜାଙ୍କ ସହିତ ଥଟ୍ଟା ତାମସା କରିଥିଲା। ବେଳେବେଳେ ଏହି ଦ୍ୱାରୀ ରୁଚିହୀନ ହୋଇ ଦର୍ଶକଙ୍କୁ ବିରକ୍ତ କରିଥାଏ'। (ଉତ୍କଳ ପ୍ରସଙ୍ଗ, ପୃ-୩୮, ମେ-ଜୁନ୍ -୧୯୯୭, ଡଃ ନୀଳମଣି ଲେଙ୍କା)

ଅନ୍ୟ ସମାଲୋଚକଙ୍କ ମତରେ-

The most cosmic character in Suanga is the Dwari (Sentry). He is a stock character in almost all the folk dramas extant in Oriya. His functions are same as that of Vidusak in a Sanskrit drama. He is simply a buffoom and a fun maker. He does not play a vital role in the development of the plot. (Tradition of folk Theatre - p-52 Dr. D.N. Pattanaik)

ଦ୍ୱାରୀ ବେଳେବେଳେ ପାତ୍ରୋଚିତ ସଂଳାପକୁ ଅତିକ୍ରମ କରିଥାଏ।

ନାଟ୍ୟାଭିନୟ ପୂର୍ବରୁ ମଞ୍ଚରେ ନଟ-ନଟୀ, ଦ୍ୱାରୀ, ସୂତ୍ରଧର ଏମାନେ ସମସ୍ତେ ମଞ୍ଚକୁ ଆସିବାକ୍ଷଣି ଦର୍ଶକମାନେ ଚୁପ୍ ହୋଇ ସେମାନଙ୍କର ଉପସ୍ଥାପନା ବିଷୟକୁ ଶୁଣୁଥିଲେ । ଭାରତଲୀଳାରେ ମଧ ଏଡି ଦ୍ୱାରୀ ମାନଙ୍କର ଭୂମିକା ପରିଲକ୍ଷିତ ହୁଏ । " Like the Dwari of Yatra, Dwari of Bharatlila also behaves like a representative from the contenmporary society" (Traditional of Folk Theatre -p-85 S.K. Rath)

ରଙ୍ଗମଞ୍ଚରେ ମୃଦଙ୍ଗର ତାଳେତାଳେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବରେ ପାଦପକାଇ ବେଳେବେଳେ ଗ୍ଭଲନ୍ତି ଦ୍ୱାରୀ ଓ ନଟ-ନଟୀ । ଗୋପାଳ ଦାଶଙ୍କ ଦ୍ୱାରୀର ବେଶ ମଧ ଭିନ୍ନ । ମଣିଆ ଦୁଆରୀର ଡାକ,ହାତରେ ଠେଙ୍ଗା, ନିଶ ଅଧାକଳା ଓ ଧଳା । ଗୋପାଳ ଦାଶଙ୍କ ଦ୍ୱାରୀ ମଞ୍ଚକୁ ଆସବା ସମୟରେ ନିଜ କଥା ନିଜ ମୁଖରେ ପ୍ରକାଶ କରେ ।

'ଆସଇ ଦୁଆରୀ ହୋଇ ନିଶଙ୍କା   କାମ କରି କରି ହେଲାଣି ବଙ୍କା  
ଘରର ଘରଣୀ ଅଟେ ମୋ ଓଲଣୀ   ପିନ୍ଧିବ ନାହିଁ ସେ ହାତରେ ଶଙ୍ଖା  
ରାଣୀପୁଅ ହୁଣ୍ଡା   ନିତି ଖାଏ କୁଣ୍ଡା   ଜଗନ୍ନାଥ ଦ୍ୱାରୀ ମୋ ନାମ ଲେଖା' ।

ଦାମୋଦର ମିଶ୍ରଙ୍କ ନାଟକରେ ନଟ-ନଟୀ ଚରିତ୍ରମାନଙ୍କର ସଂଯୋଜନା ଦେଖିବାକୁ ମିଳେ । 'ଧ୍ରୁବ ତପସ୍ୟା' ନାଟକର ପ୍ରଥମ ଅଙ୍କରେ ଏମାନଙ୍କର ଆବିର୍ଭାବ ଏବଂ ପ୍ରଦର୍ଶିତ ହେବାକୁ ଥିବା ନାଟକର ପୂର୍ବାଭାଷ ବେଶ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଅଟେ ।

ନଟୀ- ତେବେ ତ ମଣିକାଞ୍ଚନ ସଂଯୋଗ  
ନଟ- କିପରି ?  
ନଟୀ- ବିଷୟଟି ରମଣୀୟ, ତାହା କବିଙ୍କୁ ଶୋଭାପାଏ । ତହିରେ ପୁଣି ତୁମ୍ଭପରି ପ୍ରବୀଣ ଲୋକଦ୍ୱାରା ଅଭିନୀତ ହେବ, ଏଥିରେ ଆହୁରି ପଗ୍ଭରିବାକୁ ଅଛି ? (ଧ୍ରୁ.ତପସ୍ୟା, ପୃ-୩)

ନାଟକର ନାମ, ବିଷୟବସ୍ତୁ, ନାଟ୍ୟକାର ଏପରିକି ଆବଶ୍ୟକୀୟ ତଥ୍ୟକୁ ଦର୍ଶକମାନଙ୍କ ସମ୍ମୁଖରେ ଘୋଷଣା କରିବାର ଧାରା ଜାରି ରଖନ୍ତି ନଟ-ନଟୀ । ନଟୀର ଅନୁରୋଧ କ୍ରମେ ନଟ ଗୀତ ବୋଲେ ମଞ୍ଚରେ ।

'ଦିବସ ରଜନୀ ସବୁ ରମଣୀୟ　　　ମଧୁର ଶରତ କାଳେ
ବୁଲି ଗଲି ଗଲି କୁଞ୍ଜେକୁଞ୍ଜେ ଅଳି　　　ସଂଗୀତ ଅମୃତ ତାଳେ'
(ଧୃ.ତପସ୍ୟା, ପୃ-୪)

ଏହିଭଳି କଥାବାର୍ତ୍ତା ଏବଂ ସଂଗୀତ ପରିବେଷଣ ପରେ ପରେ ଅନ୍ୟ ଚରିତ୍ର ମାନଙ୍କର ମଞ୍ଚ ପ୍ରବେଶ ଘଟିଥାଏ । ଏମାନଙ୍କର ଭୂମିକା ନାଟକରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

'ସତ୍ୟବିଜୟ' ନାଟକରେ ମଧ ଏହି ନଟ-ନଟୀମାନଙ୍କର ଅଭିନୟ ଦୃଷ୍ଟିଗୋଚର ହୁଏ । ଏମାନେ ପ୍ରବେଶ କରି କଚେରିର କୋଳାହଳମୟ ପରିବେଶ ସଂପର୍କରେ ଦର୍ଶକମାନଙ୍କୁ ଧାରଣା ଦେବାସହିତ ଗୀତବୋଲି ମଞ୍ଚରୁ ପ୍ରସ୍ଥାନ କରିଛନ୍ତି ।

ଝୁମ୍ପେଇ- (ଝାଡୁ ଧରିପ୍ରବେଶ) ଆଲୋମା ! ଆଜି ତ କଚେରୀରେ ମିଣିପେ ମିଞ୍ଚା ହାଉଯାଉ ହେଲେଣି, ମୁଏ ଏକା ଯାଇସେଠି କେମିତି ଝାଡୁକରିବି । ଚୁଲ୍ଲାପଶାଟା ମତେ ପଠେଇଦେଇ ଗଞ୍ଜେଇ ଟାଣୁଚି, ମୁଁ ହାଡିଆଣୀ ହେଲିବୋଲି କ'ଣ ଟିକିଏ ଲାଜଶରମ ନାହିଁ, ସେହି ଆସି କାମ କରୁ । ଡାକଦିଏ, ଓ ଚିଲ ବାପ ! ଓ ଚିଲ ବାପ !

ମହନା- କିଲୋ ଝୁମ୍ପେଇ ! ଦେଶ କମ୍ପେଇ ଦେଉଚୁ କାହିଁକି ?

ଝୁମ୍ପେଇ- ମଲା, ଧର୍ମଦଣ୍ଡୋଟା କଚେରିରେ ମିଣିପେ ଭରପୁର, ମୁଁ ଏକା କାମ କରିପାରିବି ନାହିଁ ବୋଲି ଡାକିବାକୁ, ବିଚ୍ ଦାଣ୍ଡରେ ମୋ ନା ଉଝାଳି ପକାଉଚୁ ?

ମହନା- କି, ତତେ କିଏ କାମୁଡି ପକଉଚି, ମିଣିପେ କ'ଣ ବାଘ ନା ସାପ ?

ଝୁମ୍ପେଇ- ନଈଶୁଆ ! ମୋହରିଠେଇଁ ଗଞ୍ଜେଇ ନିଶା ଛଡେଇବାକୁ ଆସିଚି, ନେଲୁ ତୋ ଝାଡୁ ନେ ।

ମହନା- (ହାତଧରି) ରାଗନା, ରାଗନା

x　　x　　x　　x

ଘରକୁ ଯିବା କାମ ସାରିଦେ ବେଗ ବେଗରେ
ହାକିମ ଖାଲି ଦେବଟି ଗାଳି ପଡିଲେ ଆଗରେ
ଜାଣୁତ ଉଣା ଅଟେ କରୁଣା ଦାସ-ଦାସୀରେ
(ସ.ବିଜୟ, ପୃ-୬୪/୬୫)

'କନିକାବିଜୟ' ନାଟକରେ ଦାମୋଦର ମିଶ୍ର ନଟୀର ପ୍ରବେଶ ଏବଂ ଗୀତ ଗାଇବାର ଦୃଶ୍ୟକୁ ଖୁବ୍ ନିଖୁଣ ଭାବରେ ସଂଯୋଜନା କରିଛନ୍ତି । ଅମିତ୍ରାକ୍ଷର ଛନ୍ଦର ବିଭିନ୍ନ ସଂଗୀତ ତାଙ୍କ ନାଟକ ଗୁଡିକରେ ଦେଖିବାକୁ ମିଳିଥାଏ । ନଟୀମୁଖରେ ଏଠାରେ ଯେଉଁ ସଂଗୀତ ପରିବେଷଣ କରିଛନ୍ତି ତାହା ସମ୍ପୂର୍ଣ୍ଣ ଭାବଗର୍ଭକ ଏବଂ ସବୁସ୍ତରର ଶ୍ରୋତା, ଦର୍ଶକ, ପାଠକଙ୍କ ମନକୁ ଛୁଇଁବ ନିଃସନ୍ଦେହ । (ନଟୀ ପ୍ରବେଶ, ଗାନ, ନୃତ୍ୟ)

'ଶରଣ କେବଳମୋର ତୋ ବିମଳ
ଚରଣ କମଳ ଶ୍ୟାମା
ହରିତ ବସନା ନିରତେ ବାସନା
ଡାକୁ ମୋର ସନା ମା'ମା'

ପୂର୍ବ ଏବଂ ସମସାମୟିକ ନାଟ୍ୟକାର ମାନଙ୍କଠାରୁ ଦାମୋଦର ମିଶ୍ର କୌଣସି ଗୁଣରେ କମ୍ ନଥିଲେ । ନାଟକ ଗୁଡିକରେ ହାସ୍ୟରସର ଅବତାରଣା ନିମିତ୍ତ ସେ ଯଥେଷ୍ଟ ସଚେତନ ଥିବାର ଅନୁମାନ କରାଯାଏ । ଏମାନଙ୍କର ସଂଳାପ ଏଭଳି ଭାବରେ ହୋଇଥାଏ ଯେ, ଦର୍ଶକ ଚିନ୍ତାକରେ ସତେ ଯେପରି ଏମାନେ ଶବ୍ଦ ଏବଂ ଆକର୍ଷଣର ଯାଦୁକର । ସାମାଜିକ ସଂସ୍କାର ସମାଜବାଦୀ ଆଭିମୁଖ୍ୟ ଏବଂ ମାନବିକ ଆବେଦନ ସ୍ରୋତରେ ସାରା ଦର୍ଶକ ସମାଜ ଉତ୍ସାହିତ ହୋଇପଡନ୍ତି । ଅନ୍ୟମନସ୍କ, ଏବଂ ନିରୁତ୍ସାହିତ ଦର୍ଶକଙ୍କ ମନକୁ ଏକାଗ୍ରଚିତ୍ତ କରିବାରେ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

**ସଂଳାପ**

ନାଟକୀୟ ବିଷୟକୁ ଜୀବନ୍ତ ଏବଂ ତାର ଅଭିବୃଦ୍ଧି ସମ୍ପାଦନ କରିବା ନିମିତ୍ତ

ସାର୍ଥକ ସଂଳାପ ସଂଯୋଜନାର ଆବଶ୍ୟକତା ଖୁବ୍ ଜରୁରୀ। ଏଥିପାଇଁ ନାଟ୍ୟାଗ୍ର୍ଯ୍ୟମାନେ ସଂଳାପ ସଂଯୋଜନା ସଂପର୍କରେ ବହୁ ତାତ୍ତ୍ୱିକ ଆଲୋଚନା କରିଛନ୍ତି। ଭରତମୁନି ତିନୋଟି ସୁଚିନ୍ତିତ ମତ ପ୍ରଦାନ କରିଛନ୍ତି। ନାଟ୍ୟଶାସ୍ତ୍ର ପ୍ରଣେତାଙ୍କ ମତରେ ନାଟକରେ ସଂଳାପ ସଂଯୋଜନା ଏପରି କରିବା ଉଚିତ, ଯାହାର ଅର୍ଥ ବୁଝିବାରେ ଦର୍ଶକମାନଙ୍କର ଆଦୌ ଅସୁବିଧା ହେବ ନାହିଁ। ସଂଳାପ ଶ୍ରବଣ ମାତ୍ରେ ଅର୍ଥ ବୁଝାପଡିବା ଉଚିତ୍। ସଂଳାପର ଦ୍ୱିତୀୟ ଉଷ୍ଠ ହେଉଛି, ତାହା ନିରସ ଭାବେ ପରିକଳ୍ପିତ ହେବା ଉଚିତ ନୁହେଁ କି ସୂଚନାଧର୍ମୀ ହେବା ଉଚିତ୍ ନୁହେଁ। ସେଥିରେ ଭାଷା, ଭାବ ଓ ଉଚ୍ଚାରଣର ସ୍ୱଷ୍ଟତା ରହିବା ସଂଗେ ସଂଗେ ସରସତା ପ୍ରତିପାଦିତ ହେବା ଏକାନ୍ତ ଆବଶ୍ୟକ। ସଂଳାପର ତୃତୀୟ ଧର୍ମ ହେଉଛି ଗଠନ କୌଶଳ। ଯାହା ଫଳରେ ବୁଦ୍ଧିମାନ ଅଭିନେତା ମାନେ ହିଁ ତାଙ୍କର ଅଭିନୟ ମାଧମରେ ସଂଳାପକୁ ଜୀବନଧର୍ମୀ କରି ଉପସ୍ଥାପିତ କରିବା ସଂଗେ ସଂଗେ ରସୋତ୍ତୀର୍ଣ୍ଣ ମଧ କରିପାରିବେ। ସାଧାରଣ ଜୀବନରେ ବ୍ୟବହୃତ କଥାବାର୍ତ୍ତାଠାରୁ ନାଟ୍ୟ ସଂଳାପ ଅଧିକ ଓ ଉଦ୍ଦେଶ୍ୟମୂଳକ। କାରଣ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ଦ୍ଦିଷ୍ଟ ପରିଣତିରେ ନାଟକକୁ ଉପନୀତ କରାଇବା ସଂଳାପର ଉଦ୍ଦେଶ୍ୟ। Eric Bentley ଙ୍କ ମତରେ 'All Literature is made up of words, but plays are made up of spoken words while any literature may not be read aloudl, plays are written to be read aloud' (The title of Drama, P-70) ସର୍ବୋପରି ନାଟ୍ୟକାର ସ୍ମରଣ ରଖିବା ଉଚିତ ଯେ, ସଂଳାପ ଚରିତ୍ରାଭିମୁଖୀ, ନୀତିଦୀର୍ଘ ଓ ପ୍ରତ୍ୟୟ ହେବା ବିଧେୟ।

ରୁଚି ଏବଂ ରୂପଗତ ଦୃଷ୍ଟିକୋଣରୁ ବିଗ୍ଚର କଲେ ନାଟକୀୟ ସଂଳାପ ସମସାମୟିକ ଶିକ୍ଷା, ସଭ୍ୟତା ଗୁଡିକର ବାର୍ତ୍ତା ଏଥିରେ ସନ୍ନିହିତ ହୋଇଥିବାର ଲକ୍ଷ୍ୟ କରାଯାଏ। ଓଡିଶାର ପ୍ରାଚୀନ ନାଟକଗୁଡିକରେ ପଦ୍ୟାତ୍ମକ ଏବଂ ଅଭିନୟାତ୍ମକ ସତ୍ତା ଦୃଷ୍ଟିଗୋଚର ହୁଏ। ନାଟକୀୟ ଶ୍ରାବ୍ୟ କାବ୍ୟ ଏଥିରୁ ସ୍ୱଷ୍ଟ ବାରି ହୋଇପଡେ। ଷୋଡଶ ଶତାବ୍ଦୀ ପରର ମୋଗଲ ଏବଂ ମରହଟ୍ଟା ଶାସନର ଅସ୍ଥିରତା, ସାଂସ୍କୃତିକ ପରିବେଶ ଉତ୍ତରଣରେ ଯେଉଁ ସଙ୍କଟ ଆଣିଥିଲା ପରବର୍ତ୍ତୀ ଗଜପତି ଏବଂ ଇଂରେଜ ଶାସନ ସମୟରେ ଏହା ଆହୁରି ଘନୀଭୂତ ହେଲା। ଏ ସବୁର ଦୃଶ୍ୟ ଆମେ ରାଜନୀତିକ ଏବଂ ଐତିହାସିକ ନାଟକୀୟ ସଂଳାପରୁ ପାଇଥାଉ। ଆଦର୍ଶବାଦ ସହିତ ଦ୍ୱନ୍ଦ୍ୱରୁ ସୃଷ୍ଟି ହୋଇଥିବା ସଂଳାପ, ସାମ୍ପ୍ରଦାୟିକ ସଦ୍‌ଭାବ, ମୈତ୍ରୀମୟ ସମାଜ ଗଠନ ନିମିତ୍ତ ପ୍ରସ୍ତୁତ

ଓ ଉପସ୍ଥାପିତ ବିଭିନ୍ନ ସଂଳାପ ନାଟ୍ୟୋତ୍କର୍ଷାକୁ ଘନୀଭୂତ କରିଥାଏ । ନାଟକକୁ ଜୀବନ୍ତ କରି ଗଢ଼ି ତୋଳିବାରେ ସଂଳାପ ଯେ ସର୍ବ ଉତ୍କୃଷ୍ଟ ଉପାଦାନ ତାହା କେବେ ନାଟ୍ୟକାର ଦାମୋଦର ମିଶ୍ର ଭୁଲି ଯାଇ ନାହାନ୍ତି । ପ୍ରତ୍ୟେକ ନାଟକର ସଂଳାପ ସଂଯୋଜନାରୁ ନାଟ୍ୟସଂଳାପ ସଂପର୍କୀୟ ଜ୍ଞାନ ଯଥେଷ୍ଟ ବୋଲି ଭାବିବାକୁ ପଡେ । । ତାଙ୍କ ନାଟକ ଗୁଡିକରେ ଯେଉଁ ସଂଳାପ ସଂଯୋଜନା ଦେଖିବାକୁ ମିଳେ ତାହାହିଁ ନିଜ ପାଣ୍ଡିତ୍ୟର ନିଦର୍ଶନ । ତାଙ୍କ ରଚନା କାଳରେ ଅନ୍ୟ ନାଟ୍ୟସ୍ରଷ୍ଟାଙ୍କ ନାଟକ ଗୁଡିକୁ ଅନୁଧ୍ୟାନ କଲେ ପ୍ରାୟତଃ ନାଟ୍ୟକାରଙ୍କର ସଂଳାପ ଗୀତିମୟତା ଅଟେ । ଯାହାକି ଗୀତିନାଟ୍ୟ ରୂପେ ପ୍ରସାର ଲାଭ କରିଥିଲା । ପୂର୍ବରୁ ଆଲୋଚନା କରାଯାଇଛି, ଜଗନ୍ନାଥ ପାଣି, ପଦ୍ମନାଭ ନାରାୟଣ ଦେବ, ବୈଷ୍ଣବ ପାଣି, ରାମଚନ୍ଦ୍ର ସ୍ୱାଇଁ, ଗୋପାଳ ଦାଶ ପ୍ରଭୃତି ସ୍ରଷ୍ଟାମାନେ ଗୀତିନାଟ୍ୟ ରଚନାରେ ମନନିବେଶ କରି ବିଭିନ୍ନ ଗୀତର ରାଗରାଗିଣୀ ଓ ଛନ୍ଦ ମଧ୍ୟରେ ନାଟକ ଗୁଡିକୁ ବାନ୍ଧିଥିବା ବେଳେ, ନାଟ୍ୟକାର ଦାମୋଦର ସେଥିରୁ ନିଜକୁ ମୁକ୍ତ ରଖିନାହାନ୍ତି । ନାଟ୍ୟକାର ଯେଉଁ ସବୁ ସଂଳାପ ସଂଯୋଜନା କରିଛନ୍ତି ତାହା ଆମ ସମାଜର ପ୍ରତ୍ୟେକ ସ୍ତରର ଲୋକ ମୁଖର ଭାଷା । ସେ ଚରିତ୍ରମାନଙ୍କ ମୁଖରେ ଗାଣିତିକ ସୂତ୍ରରେ ବହୁ ମାପିଚୁପି ସଂଳାପ ସଂଯୋଜନା କରିଛନ୍ତି ।

## କାବ୍ୟିକ ଗଦ୍ୟ ସଂଳାପ

କବିରତ୍ନ ଦାମୋଦରଙ୍କ ନାଟକର ଅନ୍ୟତମ ଦିଗ ହେଉଛି କାବ୍ୟିକ ଗଦ୍ୟ ସଂଳାପ । ନାଟ୍ୟକାର ମୁଖ୍ୟତଃ ଜଣେ କବି ବୋଲି ତାଙ୍କ ପ୍ରତ୍ୟେକ ନାଟକର ସଂଳାପରୁହିଁ ବାରିହୋଇପଡେ । କ୍ଲିଷ୍ଟ କାବ୍ୟିକ ଶବ୍ଦ ପ୍ରୟୋଗରେ ସେ ନାଟକ ଗୁଡିକର ଶ୍ରୀବୃଦ୍ଧି କରିଛନ୍ତି । ନାଟକର ପ୍ରାୟ କେତେକ ଚରିତ୍ରମାନଙ୍କ ମୁଖରେ କାବ୍ୟିକ ଶବ୍ଦ ଗଢ଼ି ଭାଷାର ସଂଳାପ ସଂଯୋଜନା କରିଛନ୍ତି । କାବ୍ୟିକ ନାଟକୀୟତାରେ ଦର୍ଶକମାନଙ୍କ ମନକୁ ଛୁଇଁବାର ପ୍ରୟାସ ଜାରି ରଖି ଦାମୋଦର ଆଗେଇ ଯାଇଛନ୍ତି ଆଗକୁ । ଗାଉଁଲି ଲୋକ ମାନଙ୍କୁ କିଭଳି ଏବଂ କେଉଁ ସଂଳାପ ଦ୍ୱାରା ନାଟକର ଶେଷପର୍ଯ୍ୟନ୍ତ ବନ୍ଧା ଯାଇପାରିବେ ସେକଳା ଖୁବ୍ ମାଲୁମ୍ ଥିଲା ନାଟ୍ୟକାରଙ୍କୁ ।

ସୁରୁଚି- ‘ଆର୍ଯ୍ୟପୁତ୍ର ! ହେଇ ଦେଖୁ ନାହାନ୍ତି ମାଧବୀ ଲତା
କୁସୁମ ଚଳରେ ସ୍ମିତ ମୁଖି ହୋଇ ମୃଦ୍ୟୁପବନ କମ୍ପିତ

ପଲ୍ଲବ ଆଙ୍ଗୁଳି ସଙ୍କେତରେ ଆପଣଙ୍କ ନିକଟକୁ ଡାକୁଛି ।

ରାଜା- ପ୍ରିୟେ ! ମନୋହର ବଚନ ରଚନାରେ ତୁମ୍ଭେ ଅତ୍ୟନ୍ତ ନିପୁଣା ।'

ମହାରାଣୀ ସୁରୁଚି ରାଜା ଉତ୍ତାନପାଦଙ୍କୁ ସୁନ୍ଦର ଉପମା ଦେଇ ଉପବନର ତରୁ ଲତାର ଶୋଭା ବର୍ଣ୍ଣନାକରିଛନ୍ତି । ପୁନଶ୍ଚ ସେହି ଦୃଶ୍ୟରେ ରାଜା ନାରୀର ବର୍ଣ୍ଣନା ସହିତ ପଦ୍ମ ଫୁଲର ତୁଳନା କରି ସୁନ୍ଦର ଉପମାଯୁକ୍ତ ସଂଳାପ ଖଞ୍ଜିଛନ୍ତି ।

ରାଜା- ବୟସ୍ୟ ବିଧାତାଙ୍କର ନିୟମ ଅଲଙ୍ଘନୀୟ, ଜଗତରେ କେହି ଚିରଦିନ ସୁଖୀ ବା ଦୁଃଖୀ ରହେ ନାହିଁ, ଦେଖ କ୍ଷଣକାଳ ପୂର୍ବେ ଯେଉଁ ପଦ୍ମିନୀ ପଦ୍ମନେତ୍ର ମୁଦ୍ରିତ କରି ବିରହିଣୀ ନାୟିକା ତୁଲ୍ୟ ମନୋବେଦନା ଅନୁଭବ କରୁଥିଲେ, ସେ ବର୍ତ୍ତମାନ ଉଲ୍ଲସିତ ହେଉଛି, ଆଉ ଯେଉଁ କୁମୁଦିନୀର ହାସରେ ଅନ୍ଧକାର ଦୂର ହେଉଥିଲା, ସେ ବିଷାଦ ମଳିନ ହେଉଛି ।

ସୁରୁଚି- ଏହା ସତ୍ୟ, ଏଥିପାଇଁ ତ ସାଧୁମାନେ ଜଗତକୁ ପରିବର୍ତ୍ତନଶୀଳ କହନ୍ତି । (ଧ୍ରୁ.ତପସ୍ୟା, ପୃ-୧୭)

ମର୍ମାହତ ଚନ୍ଦ୍ରଦତ୍ତ ଈଶ୍ୱରଙ୍କ ଠାରେ ମଣିଷର ଭାଗ୍ୟକୁ ବର୍ଣ୍ଣନା କରିବା ଉପଲକ୍ଷେ ନାଟ୍ୟକାର ତାଙ୍କ ମୁଖରେ ଏହିପରି ସଂଳାପ ସଂଯୋଜନା କରିଛନ୍ତି-

ଚନ୍ଦ୍ରଦତ୍ତ- ବିଭୁଙ୍କର କାଳଯନ୍ତ୍ରଟି ଅତୀବ ଅଦ୍ଭୁତ । କେବେ ତାର ଅଣୁମାତ୍ର ବ୍ୟତିକ୍ରମ ଦେଖାଯାଏ ନାହିଁ । କିମ୍ବା ପାର୍ଥିବ ଘଣ୍ଟା ପରି ଦୈନନ୍ଦିନ ଚାବି ଦେବାକୁ ପଡେ ନାହିଁ । ସୁଖ-ଦୁଃଖ ତୁଲ୍ୟ ଦିବା-ରାତ୍ରିର ପରିବର୍ତ୍ତନ ପ୍ରତିକ୍ଷଣରେ ନଶ୍ୱରତାର ଶିକ୍ଷା ଦେଉଥିଲେହେଁ ମାନବର ବିଷୟ-ସଙ୍କୁଳ ହୃଦୟରେ ତାହା ସ୍ଥାନ ପାଉନାହିଁ, ଏହାହିଁ ବିଚିତ୍ରତମ (ଉପରକୁ ଚାହିଁ)

ଆହା ! ନବ ବିକଶିତ ମନ୍ଦାର ପୁଷ୍ପକାନ୍ତି ର ବିମ୍ବଟି
ପୂର୍ବଦିଗର ସିନ୍ଦୂର ବିନ୍ଦୁପରି ଶୋଭାପାଉଚି ।

(ସ.ବିଜୟ, ପୃ-୫୦)

'କନିକାବିଜୟ' ନାଟକର ବର୍ଷାର ସୂଚନା ଦେଖି ସୌଦାଗରଙ୍କ ମୁଖରେ

ନାଟ୍ୟକାର ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି- 'ଆକାଶ ଘନାଚ୍ଛନ୍ନ ହୋଇ କୃଷ୍ଣ ମର୍ମର ପାଷାଣ ତୁଲ୍ୟ ଦେଖା ଯାଉଛି । ତହିରେ କଷଟି ପଥରରେ ସୁବର୍ଣ୍ଣରେଖା ସଦୃଶ ବିଜୁଳି ଚମକୁଛି । ଓହୋ ପବନ ବେଗରେ ଉତ୍ତାଳ ତରଙ୍ଗମାଳ ଉପର୍ଯ୍ୟୁକ୍ତ ପରି ଉତ୍‌ଥିତ । ଶିଶୁମାର ପ୍ରଭୃତି ଜଳଜନ୍ତୁଙ୍କ ଫୁହାରରେ ଉତ୍‌କ୍ଷିପ୍ତ ଜଳକଣା ଲକ୍ଷ ଲକ୍ଷ ନକ୍ଷତ୍ର ଦୃଷ୍ଟି କରୁଛନ୍ତି । (କ.ବିଜୟ, ପୃ-୩)

ନାଟ୍ୟକାର ଏହିପରି ସୁନ୍ଦର କାବ୍ୟିକ ସଂଳାପ ସଂଯୋଜିତ କରି ନାଟକୀୟ ରସକୁ ଦର୍ଶକ ଓ ପାଠକ ହୃଦୟରେ ଉଜ୍ଜୀବିତ କରି ଦର୍ଶକ ଓ ପାଠକମାନଙ୍କୁ ବିମୋହିତ କରିଛନ୍ତି । ତାଙ୍କର ପ୍ରତ୍ୟେକ ନାଟକର ଛତ୍ରେ ଛତ୍ରେ ଏହିପରି ପାତ୍ରମୁଖି ସଂଳାପ ମଧ୍ୟରେ ନାଟକ ଗୁଡିକର ମାନ ବୃଦ୍ଧି କରି ନାଟ୍ୟ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ।

PATTAMUNDAI COLLEGE, PATTAMUNDAI

DEPARTEMNT OF ODIA

Signature of the Participants of the project

| SL NO | CLASS ROLL NO | Signature of the Student |
|---|---|---|
| 1 | BA17-024 | Prakash Kumar Behera |
| 2 | BA17-112 | Sunakar Sethi |
| 3 | BA17-278 | Sasmita Padhi |
| 4 | BA17-071 | Rajeswari Singh |
| 5 | BA17-102 | Mitanjali Sahoo |
| 6 | BA17-065 | Manasi Ray |
| 7 | BA17-081 | Amisha Sahoo |
| 8 | BA17-165 | Ranakanta Sethi |
| 9 | BA17-179 | Maheswar Dash |
| 10 | BA17-184 | Priyanka Sutar |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |